بسم الله الرحمن الرحيم

**୨୭ ଅକ୍ଟୋବର ୨୦୧୭ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ**

ଇସଲାମୀୟ ଶିକ୍ଷାର ବିଶେଷତା ଏହି କି ଯେ, ନିଜ ଆଧ୍ୟାତ୍ମିକତାରେ ଉନ୍ନତି କରିବା ସହିତ ତାହାକୁ ଅଧିକ ପରିମାର୍ଜିତ କରିବା । ପୁଣ୍ୟ ଓ ଉତମ କର୍ମ କରିବାରେ ଉନ୍ନତି କରିବା ଜଣେ ମୁସଲମାନ, ଜଣେ ମୋମିନ୍‌କୁ ପ୍ରକୃତ ମୋମିନ୍ କରିଥାଏ । ଏଥିପାଇଁ ଆମ୍ଭକୁ ସର୍ବଦା ଚେଷ୍ଟା କରିବା ଉଚିତ୍ । ମନେରଖ ଅଲ୍ଲାଃତାଲା ପୁଣ୍ୟକର୍ମକୁ ବେଶ୍ ପସନ୍ଦ କରିଥାନ୍ତି ଏବଂ ସେ ଇଚ୍ଛା କରିଥାନ୍ତି ଯେ, ତାଙ୍କ ସୃଷ୍ଟି ସହ ସହାନୁଭୂତି ପ୍ରଦର୍ଶନ କର ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଅଲ୍ଲାଃତାଲା ମୋମିନ୍‌ମାନଙ୍କୁ ଉପଦେଶପୂର୍ବକ କୁହନ୍ତି ତୁମର ଲକ୍ଷ ସର୍ବଦା **ଫସ୍‌ତବିକୁଲ୍ ଖୈରାତ୍** ହେବା ଉଚିତ୍ ଅର୍ଥାତ ସତ୍‌କର୍ମରେ ସର୍ବଦା ପରସ୍ପରଠାରୁ ଆଗକୁ ବଢିବାକୁ ଚେଷ୍ଟା କରିବା । କାରଣ ଉତମକର୍ମ ସମ୍ପାଦନକାରୀଙ୍କୁ ଅଲ୍ଲାଃତାଲା ଶ୍ରେଷ୍ଠତାର ମାନ୍ୟତା ଦେଇଛନ୍ତି । ଯେପରିକି ସେ କୁହନ୍ତି **ଇନ୍ନଲ୍ ଲଜିନା ଆମନୁ ୱ୍ ଆମିଲୁସ୍ ସାଲିହାତି ଉଲାଇକାହୁମ୍ ଖୈରୁଲ୍ ବରିୟାଃ** ଅର୍ଥାତ ନିଃସନ୍ଦେହ ଯେଉଁମାନେ ବିଶ୍ୱାସ ଆଣି, ତଦନୁଯାୟୀ ସମୁଚିତ କର୍ମ କରିଛନ୍ତି ସେହିମାନେ ହିଁ ଅତି ଉତ୍କୃଷ୍ଟ ପ୍ରାଣୀ । ହଜରତ ମସିହ ମଉଦ ଆ.ସ ଉକ୍ତ ପଙ୍କ୍ତିର ସ୍ପଷ୍ଟିକରଣ କରି ସଂକ୍ଷିପ୍ତ ଭାବରେ କୁହନ୍ତି ମଣିଷକୁ ନିଜର କର୍ତବ୍ୟ ସମ୍ପାଦନ କରିବା ସହିତ ସତ୍‌କର୍ମରେ ଉନ୍ନତି କରିବା ଉଚିତ୍ । ସୁତରାଂ ସତ୍‌କର୍ମରେ ଉନ୍ନତି କରିବା, ଉତମ କର୍ମ କରିବା ହିଁ ଜଣେ ମୁସଲମାନକୁ ଜଣେ ମୋମିନ୍‌କୁ ପ୍ରକୃତ ମୋମିନ୍ କରିଥାଏ ଏବଂ ଏଥିପାଇଁ ଆମ୍ଭକୁ ସର୍ବଦା ଚେଷ୍ଟା କରିବା ଉଚିତ୍ ।

ହଜୁର ଅନଓ୍ୱର ଅ.ବ କହିଲେ- ଏଠାରେ ମୁଁ ହଜରତ ମସିହ ମଉଦ ଆ.ସଙ୍କ କିଛି ତଥ୍ୟ ଉପସ୍ଥାପନ କରୁଅଛି । ଉତମ କର୍ମ କ'ଣ ଏବଂ ଗୋଟିଏ ଛୋଟ ପୁଣ୍ୟ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିବାର କାରଣ ସାବ୍ୟସ୍ତ ହୋଇପାରେ, ଏହାର ସ୍ପଷ୍ଟିକରଣ କରି ଆପଣ କୁହନ୍ତି- ପୁଣ୍ୟ, ଇସଲାମ ଓ ଅଲ୍ଲାଃଙ୍କ ନିକଟରେ ପହଂଚିବାର ନିସୁଣି ଅଟେ । କିନ୍ତୁ ମନେରଖ ସଇତାନ ପ୍ରତ୍ୟେକ ମାର୍ଗରେ ଲୋକମାନଙ୍କ ପଥଭ୍ରଷ୍ଟ କରିଥାଏ ଯେପରି ଅଲ୍ଲାଃ କୁହନ୍ତି **ୱୟୁତ୍‌ଇମୁନାତ୍ ତାମା ଅଲା ହୁବ୍‌ବିହି ମିସ୍‌କିନଉଁ ୱ୍ ୟତିମାଉଁ ୱ୍ ଅସିରା** ହଜୁର କୁହନ୍ତି ମନେରଖିବା ଉଚିତ୍ ଯେ, ମନପସନ୍ଦ ଖାଦ୍ୟକୁ **ତାମ୍** କୁହନ୍ତି । ଖାଦ୍ୟ ସମ୍ମୁଖରେ ଥିବା ସମୟରେ ଯଦି କେହି ଭିକ୍ଷୁ ଆସି (ଖାଦ୍ୟ) ମାଗନ୍ତି ତେବେ ତାହାକୁ ସେହି ଖାଦ୍ୟ ପ୍ରଦାନ କରିବା ପୁଣ୍ୟ ଅଟେ ନା କି ନିଜେ ସଜ ଖାଦ୍ୟ ଖାଇ ଘର ଲୋକଙ୍କୁ କହିଦେବା କି ଗତକାଲିର ବାସି ଖାଦ୍ୟ ଆଣି ଏହାକୁ ଦେଇଦିଅ । ଯଦି ଜଣେ ଏଭଳି ଗଭୀରତାର ସହ ଅନୁଧ୍ୟାନ କରେ ତେବେଯାଇ ସେ ପ୍ରକୃତ ପୁଣ୍ୟ ଅର୍ଜନ କରିପାରିବ । ସୁତରାଂ ପ୍ରକୃତ ପୁଣ୍ୟ ଅର୍ଜନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ଓ ଏହା କିଭଳି ଉତ୍ପନ୍ନ ହେବ ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ଆସ୍ଥା ନାହିଁ, ଏହା ଉତ୍ପନ୍ନ ହୋଇ ନଥାଏ । ଅତଏବ ଏହାର ସ୍ପଷ୍ଟିକରଣକରି ଏକ ସ୍ଥାନରେ ହଜୁର ଆ.ସ କୁହନ୍ତି- ପ୍ରକୃତ ପୁଣ୍ୟ ଅର୍ଜନ କରିବା ପାଇଁ ଆବଶ୍ୟକ କି ଅଲ୍ଲାଃଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ଏବଂ ବିଶ୍ୱାସ ଏହି କି ଯେ, ପ୍ରତ୍ୟେକ ଜିନିଷ ଉପରେ ଅଲ୍ଲାଃଙ୍କ ନଜର ରହିଛି ଓ ସେ ସର୍ବଜ୍ଞ । କେତେକ ସମୟରେ ମଣିଷ ଲୁଚିଛପି କାର୍ଯ୍ୟ କରିଥାଏ ଏବଂ ସେ ମନେକରିଥାଏ କି କେହି ଏଥିସଂକ୍ରାନ୍ତରେ ଜାଣିନାହାନ୍ତି, ଅଲ୍ଲାଃଙ୍କ ବ୍ୟତୀତ କାରଣ ସେ ସର୍ବଜ୍ଞ ଏବଂ ସେ (ନିଜ ଅପକର୍ମରେ) ଭୟ କରିନଥାଏ ଏବଂ ଏହି ନିର୍ଭିକତା ଯୋଗୁଁ ସେ ଏହିପରି ମନ୍ଦକର୍ମ କରିଚାଲିଥାଏ । ଯଦି ପ୍ରକୃତ ପୁଣ୍ୟ ଅର୍ଜନ କରିବାର ଅଛି ତେବେ ଅଲ୍ଲାଃଙ୍କ ଉପରେ ଆସ୍ଥା ରହିବା ଅନିର୍ବାର୍ଯ୍ୟ ।

ପୁଣି ପ୍ରକୃତ ପୁଣ୍ୟର ଅଧିକ ସ୍ପଷ୍ଟିକରଣ କରି ଆପଣ କୁହନ୍ତି- ତକଓ୍ୱାର ଅର୍ଥ ଅପକର୍ମର ସୁକ୍ଷ୍ମ ମାର୍ଗରୁ ନିବୃତ ରହିବା କିନ୍ତୁ ମନେରଖିବା ଉଚିତ୍ ଯେ, ପୁଣ୍ୟ ଏତିକି ନୁହେଁ କି ଜଣେ କହିବ କି ମୁଁ ପୁଣ୍ୟବନ୍ତ ଅଟେ, ମୁଁ କାହାର ଧନ ଆତ୍ମସାତ କରିନାହିଁ, ଚୋରି କରିନାହିଁ, ଖରାପ ମାର୍ଗରୁ ଅର୍ଥ ଉପାର୍ଜନ କରିନାହିଁ, ତେବେ ଏହା କୌଣସି ପୁଣ୍ୟ ନୁହେଁ । ଏପରି ପୁଣ୍ୟ ବିଜ୍ଞ ବ୍ୟକ୍ତିମାନଙ୍କ ଦୃଷ୍ଟିରେ ହାସ୍ୟସ୍ପଦ କାରଣ ଯଦି ସେ ଏହି ମନ୍ଦକର୍ମ କରେ ଚୋରି ଓ ଡ଼କାୟତି କରେ ତେବେ ସେ ଦଣ୍ଡ ପାଇବ । ଅସଲ ଓ ପ୍ରକୃତ ପୁଣ୍ୟ ଏହି କି ଯେ, ମାନବ ଜାତିର ସେବା କରିବା ଓ ଅଲ୍ଲାଃଙ୍କ ମାର୍ଗରେ ପୂର୍ଣ୍ଣ ସତ୍ୟବାଦୀ ଓ ବିଶ୍ୱସ୍ତତା ପ୍ରଦର୍ଶନ କରି ଏହି ମାର୍ଗରେ ଜୀବନ ଉତ୍ସର୍ଗ କରିବାକୁ ମଧ୍ୟ ପ୍ରସ୍ତୁତ ହୋଇଯିବା । ତେଣୁକରି କହିଲେ **ଇନ୍ନଲ୍ ଲଜିନା ମାଅଲ୍ ଲଜିନାତ୍ ତକୌଓ୍ୱଲ୍ ଲଜିନା ହୁମ୍ ମୁହ୍‌ସିନୁନ୍** ଅର୍ଥାତ ଅଲ୍ଲାଃତାଲା ସେମାନଙ୍କ ସାଥିରେ ଥାନ୍ତି ଯେ ଅପକର୍ମରୁ ନିବୃତ ରହିବା ସହିତ ସତ୍‌କର୍ମ କରିଥାନ୍ତି ।

ହଜୁର ଆ.ସ କୁହନ୍ତି ଅଲ୍ଲାଃଙ୍କ ଦୃଷ୍ଟି କୋଣରୁ ଇସଲାମର ଅର୍ଥ କେବଳ ଅପକର୍ମରୁ ନିବୃତ ରହିବା ନୁହେଁ ବରଂ ଯେପର୍ଯ୍ୟନ୍ତ ଅପକର୍ମକୁ ପରିତ୍ୟାଗ କରି ଉତମକର୍ମ ସମ୍ପାଦନ କରି ନାହଁ, ଆଧ୍ୟାତ୍ମିକତାରେ ଜୀବିତ ରହିବା ସମ୍ଭବ ନୁହେଁ । ଇସଲାମୀୟ ଶିକ୍ଷାର ସତ୍ୟାସତ୍ୟ ଏହି କି ଯେ, ନିଜ ଆଧ୍ୟାତ୍ମିକତାରେ ଉନ୍ନତି କର ତଥା ତାହାକୁ ପରିମାର୍ଜିତ କର । ଯଦି କେବଳ ଅପକର୍ମରୁ ନିବୃତ ହୋଇଯାଅ ତେବେ ମଧ୍ୟ ତୁମର ଆଧ୍ୟତ୍ମିକ ଜୀବନ ଉନ୍ନତ ହେବ ନାହିଁ ବରଂ ଅପକର୍ମ ପରିତ୍ୟାଗ କରି ସତ୍‌କର୍ମ କରିବା ଜରୁରୀ ଅଟେ । ମନେରଖ ସତ୍‌କର୍ମ ଖାଦ୍ୟ ସଦୃଶ ଯେପରି ଜଣେ ଖାଦ୍ୟ ବ୍ୟତୀତ ଜୀବିତ ରହିବା ସମ୍ଭବ ନୁହେଁ । ସେହିପରି ଯେପର୍ଯ୍ୟନ୍ତ ଉତମକର୍ମ ସମ୍ପାଦନ କରି ନାହଁ କିଛି ହୋଇନଥାଏ ଏବଂ ଏହି ଅବସ୍ଥା ବିଶ୍ୱାସରେ ଅଭିବୃଦ୍ଧି କରିବା ଦ୍ୱାରା ହାସଲ ହୋଇଥାଏ । ଅଲ୍ଲାଃଙ୍କ ଉପରେ ଆସ୍ଥାର ସ୍ତର କିଭଳି ହେବା ଉଚିତ୍ । ଏହି ସ୍ତର ସେତେବେଳେ ହାସଲ ହୋଇଥାଏ ଯେତେବେଳେ ମଣିଷର ଅନ୍ତଃଦେଶ ଓ ବର୍ହିଦେଶ ଏକ ହୋଇଥାଏ କେବଳ ବିଶ୍ୱାସର ଘୋଷଣା କରିବାରେ କିଛି ହୋଇନଥାଏ ବରଂ ଯେମିତି ଏହି ବିଶ୍ୱାସ ରହିଛି କି ବିଷ ମଣିଷର କ୍ଷତି କରିଥାଏ ଏବଂ ତାହାର ସେବନରେ ଜଣେ ମୃତ୍ୟୁବରଣ କରିପାରେ ସେହିପରି ଏହି ବିଶ୍ୱାସ ମଧ୍ୟ ରହିବା ଉଚିତ୍ ଯେ, ଯଦି ମୁଁ ଅପକର୍ମ କରେ ତେବେ ଅଲ୍ଲାଃ ସେଥିପ୍ରତି ନଜର ରଖିଛନ୍ତି ତେଣୁ ସେ ମୋତେ ଦଣ୍ଡ ଦେବେ ।

ବିଶ୍ୱାସ ସୁଦୃଢ ହେବା ସଂକ୍ରାନ୍ତରେ ଅଧିକ ସ୍ପଷ୍ଟରୂପେ ହଜୁର ଆ.ସ କୁହନ୍ତି– ମନେରଖ ପ୍ରତ୍ୟେକ ପବିତ୍ରତା ଓ ପୁଣ୍ୟର ମୂଳ ଅଲ୍ଲାଃଙ୍କ ଉପରେ ଆସ୍ଥା ରଖିବା ଅଟେ । ଯେଭଳି ଅଲ୍ଲାଃଙ୍କ ଉପରେ ଆସ୍ଥା ଦୁର୍ବଳ ହୋଇଥାଏ ସେହିପରି ଜଣେ ଉତମକର୍ମ ସମ୍ପାଦନ କରିବାରେ ଦୁର୍ବଳ ଓ ଅବହେଳା କରିଥାଏ, କିନ୍ତୁ ଯେତେବେଳେ ଆସ୍ଥା ସୁଦୃଢ ଓ ଅଲ୍ଲାଃତାଲାଙ୍କୁ ତାହାର ସମସ୍ତ ଗୁଣାବଳୀ ସହ ବିଶ୍ୱାସ କରାଯାଏ, ସେହିପରି ଜଣକର ଅମଳରେ ଅଭୁତପୂର୍ଣ୍ଣ ପରିବର୍ତନ ପରିଲକ୍ଷିତ ହୋଇଥାଏ । ଯଦି ଜଣେ ବିଶ୍ୱାସ କରିନିଏ କି ଅଲ୍ଲାଃ ସକଳ ଶକ୍ତିର ମାଲିକ, ସର୍ବଜ୍ଞ ଏବଂ ସେ ପ୍ରତ୍ୟେକ ସ୍ଥାନରେ ମୋ ଉପରେ ଲକ୍ଷ ରଖିଛନ୍ତି ଏବଂ ଏକ ଅସାଧାରଣ ପରିବର୍ତନ ତାହାର ଅମଳରେ ପରିଲକ୍ଷିତ ହୁଏ । ସେତେବେଳେ ତାହା ଦ୍ୱାରା ସ୍ୱୟଂ ଉତମକର୍ମ ସମ୍ପାଦନ ହୋଇଥାଏ । ଅପକର୍ମ କରିବା ପରିବର୍ତେ ସତ୍‌କର୍ମ କରିବା ପ୍ରତି ତାହାର ଧ୍ୟାନ ଆକର୍ଷିତ ହୋଇଥାଏ । ଅଲ୍ଲାଃଙ୍କ ଉପରେ ବିଶ୍ୱାସ ରଖୁଥିବା ବ୍ୟକ୍ତି ଅପକର୍ମ କରିବା ପ୍ରତି ମନବଳାଇ ନଥାଏ । କାରଣ (ଦୃଢ) ବିଶ୍ୱାସ ତାହାର ଇଛା ଶକ୍ତି ଓ ପାପକୁ କାଟି ଦେଇଥାଏ । ଦେଖ ଯଦି କାହାର ଚକ୍ଷୁ କାଢିନିଆଯାଏ ତେବେ ସେ ସେଥିରେ କିଭଳି ଅପକର୍ମ କରିବ । ଠିକ୍ ସେହିପରି ଯଦି ଜଣେ **ନଫ୍‌ସେ ମୁତ୍‌ମୟିନା**ର ସ୍ତରରେ ପହଁଚିଯାଏ ତେବେ **ନଫ୍‌ସେ ମୁତ୍‌ମୟିନା** ତାହାକୁ ଅନ୍ଧ କରିଦେଇଥାଏ ଏବଂ ତାହାର ଚକ୍ଷ୍ୟୁରେ ପାପ ଦେଖିବାର ସାମର୍ଥ୍ୟ ରହିନଥାଏ । ସେ (ଖରାପ) ଦେଖି ମଧ୍ୟ ଅଣଦେଖା କରିଥାଏ ।

ତାହାର ସମସ୍ତ କାମନା ଓ ସମସ୍ତ ଅଭ୍ୟନ୍ତରୀଣ ଉଗ୍ରତାକୁ କାଟିଦେଇଥାଏ । ତାହାର ସମସ୍ତ ଶକ୍ତି ଯାହା ଦ୍ୱାରା ଅପକର୍ମ ସମ୍ପାଦିତ ହୋଇପାରେ ତାହାକୁ ଏକ ପ୍ରକାରର ମୃତ୍ୟୁ ଆସିଥାଏ ଏବଂ ତାହା ମୃତ ସଦୃଶ ହୋଇ ଅଲ୍ଲାଃଙ୍କ ଇଛା ମୁତାବକ କାର୍ଯ୍ୟ କରିଥାଏ । ସେ ଅଲ୍ଲାଃ ବ୍ୟତୀତ ଗୋଟିଏ ପାଦ ଆଗକୁ ବଢିପାରେନା ।

ହଜୁର ଅନଓ୍ୱର ଅ.ବ କହିଲେ– ଏହା ଆମର ଲକ୍ଷ ଅଟେ ଏବଂ ଏହାକୁ ଆମେ ନିଜ ସମ୍ମୁଖରେ ରଖିବା ଉଚିତ୍ କି ସମସ୍ତ ପ୍ରକାରର ଅପକର୍ମକୁ ନିଜ ଆଖି, କାନ ଓ ମସ୍ତିସ୍କରୁ ବାହାର କରିବା ସହିତ ସେଥିରୁ ନିଜକୁ ରକ୍ଷା କରିବାର ଅଛି ଏବଂ ଆମ୍ଭ ଜମାଅତକୁ ଏହାର ଆବଶ୍ୟକତା ରହିଛି ଏବଂ ପୂର୍ଣ୍ଣ ଶାନ୍ତି ହାସଲ କରିବା ନିମନ୍ତେ ବିଶ୍ୱାସରେ ପୂର୍ଣ୍ଣତା ଆବଶ୍ୟକ । ସୁତରାଂ ଆମ୍ଭ ଜମାଅତର ପ୍ରଥମ କର୍ତବ୍ୟ ଏହି କି ଯେ, ଅଲ୍ଲାଃଙ୍କ ଉପରେ ନିଷ୍ଠାର ସହ ବିଶ୍ୱାସ ରଖିବା । ପୁନଃ ହଜୁର ଆ.ସ ଉତମ କର୍ମର ବିଭିନ୍ନ ଦିଗ ନିର୍ଦ୍ଧାରଣ କରି କୁହନ୍ତି– ମଣିଷ ପାଇଁ ଦୁଇଟି କାର୍ଯ୍ୟ ଅନିର୍ବାର୍ଯ୍ୟ ଗୋଟିଏ ଅପକର୍ମରୁ ନିବୃତ ରହିବା ଓ ଉତମକର୍ମ ସମ୍ପାଦନ କରିବା । ପୁଣି ଉତମ କର୍ମର ଦୁଇଟି ଦିଗ ରହିଛି ଗୋଟିଏ ମନ୍ଦ ଓ ଅପକର୍ମକୁ ବର୍ଜନ କରିବା ଓ ଦ୍ୱିତୀୟଟି ସତ୍‌କର୍ମରେ ଆଗକୁ ବଢିବା । ଅପକର୍ମକୁ ପରିହାର କରିବା ଏକ ପ୍ରକାରର ପୁଣ୍ୟ ଅଟେ । ଦ୍ୱିତୀୟ ପାର୍ଶ୍ୱରେ ଉତମକର୍ମ ସମ୍ପାଦନ କରିବା । କେବଳ ଅପକର୍ମ ବର୍ଜନ କରିଦେଲେ ଜଣେ ସମ୍ପୂର୍ଣ୍ଣ ହୋଇନଥାଏ କାରଣ ଏପରି ଅବସ୍ଥାରେ ତାହାର ବିଶ୍ୱାସ ଦୁର୍ବଳ (ଅବସ୍ଥାରେ) ରହିଥାଏ, ଯେପର୍ଯ୍ୟନ୍ତ ଉତମକର୍ମ ଅର୍ଥାତ ଅନ୍ୟମାନଙ୍କ ଉପକାର କରିବାରେ ଅଗ୍ରସର ହୋଇ ନାହଁ । ଉତମକର୍ମ କରିବା, ଅନ୍ୟର ଉପକାର କରିବା ପରେଯାଇ ଜଣେ ବିଶ୍ୱାସରେ ପୂର୍ଣ୍ଣତା ପ୍ରାପ୍ତ କରିଥାଏ । ଯେପର୍ଯ୍ୟନ୍ତ ଏହି ସ୍ତର ହାସଲ କରି ନାହଁ ମଣିଷ ଅପକର୍ମରୁ ମଧ୍ୟ ରକ୍ଷା ପାଇନଥାଏ ଏବଂ ଅଲ୍ଲାଃତାଲାଙ୍କ ଉତମ ଗୁଣର ସନ୍ଧାନ ପାଇବା ନିମନ୍ତେ ମନୁଷ୍ୟକୁ ସର୍ବଦା ପବିତ୍ର କୋରାନର ଓ ତାହାର ଆଦେଶଗୁଡ଼ିକର ଅଧ୍ୟୟନ କରିବା ଉଚିତ୍ ।

ପୁଣି ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ଆସ୍ଥା ରଖିବା ପରେ ଶାରୀରିକ ଅପକର୍ମରୁ ରକ୍ଷା ପାଇବା ବିଷୟରେ ଅଧିକ ସ୍ପଷ୍ଟିକରଣ କରି

ହଜୁର ଆ.ସ କୁହନ୍ତି- ଅପକର୍ମରୁ ନିବୃତ ରହିବାର ସ୍ତର ସେତେବେଳେ ପ୍ରାପ୍ତ କରିବ ଯେତେବେଳେ ଅଲ୍ଲାଃଙ୍କ ଉପରେ ଆସ୍ଥା ଆସିଯିବ ତା'ପରେ ଅର୍ଥାତ ଦ୍ୱିତୀୟ ସୋପାନରେ ସେହି ମାର୍ଗର ସନ୍ଧାନ କରିବା ଯେଉଁ ମାର୍ଗ ଅଲ୍ଲାଃଙ୍କ ପ୍ରିୟ ଭକ୍ତମାନଙ୍କ ଚଲାପଥ ଅଟେ ଏବଂ ତାହାର ଅନୁସରଣ କରିବା । ତାହାର ସନ୍ଧାନ ଏମିତି ମିଳିବ କି ମଣିଷ ଜାଣିବାକୁ ଚେଷ୍ଟା କରିବା ଉଚିତ୍ ଯେ, ସେହି ପ୍ରିୟଜନମାନଙ୍କ ସହ ଅଲ୍ଲାଃ କିଭଳି ମାମଲା କଲେ । ଅପକର୍ମରୁ ରକ୍ଷା ପାଇବାର ପ୍ରଥମ ସୋପାନ ଅଲ୍ଲାଃଙ୍କ **ଜଲାଲି** (ତେଜସ୍ୱୀ) ଗୁଣର ପ୍ରାପ୍ତ ହେବାରେ ହାସଲ ହୋଇଥାଏ, କି ସେ ଅପକର୍ମୀଙ୍କ ଶତ୍ରୁ ଅଟେ ଏବଂ ନିଜ ପ୍ରିୟଜନଙ୍କ ଶତ୍ରୁମାନଙ୍କୁ ନାସ କରିଥାଏ । ଦ୍ୱିତୀୟ ସୋପାନ ଅଲ୍ଲାଃଙ୍କ **ଜମାଲି** (ନମ୍ର)ଗୁଣର ପ୍ରାପ୍ତ ହେବାରେ ହାସଲ ହୋଇଥାଏ । ନିର୍ବିଶେଷରେ ଏହି କି ଯେ, ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ନିକଟରୁ ଶକ୍ତି ଓ ସାମର୍ଥ୍ୟ ମିଳି ନାହିଁ ଯାହାକୁ ଇସଲାମୀୟ ଭାଷାରେ **ରୁହୁଲ୍ କୁଦ୍ଦୁସ୍** କୁହାଯାଏ, କିଛି ମଧ୍ୟ ହୋଇନଥାଏ । ଏହା ଏକ ଶକ୍ତି ଅଟେ ଯାହାକି ଅଲ୍ଲାଃଙ୍କ ନିକଟରୁ ପ୍ରାପ୍ତ ହୋଇଥାଏ । ଏହାର ଅବତୀର୍ଣ୍ଣ ହେବା ସହିତ ହୃଦୟ ଏକ ପ୍ରକାରର ଶାନ୍ତି ଅନୁଭବ କରିଥାଏ ଏବଂ ସ୍ୱଭାବରେ ପୁଣ୍ୟ ସହ ଏକ ପ୍ରକାରର ପ୍ରେମ ଓ ବାତ୍ସଲ୍ୟତା ଉତ୍ପନ୍ନ ହୋଇଥାଏ । ପୁଣି ସେହି ସୌନ୍ଦର୍ଯ୍ୟ ଯାହାକି ଉତମକର୍ମ ସହ ସଂଶ୍ଲିଷ୍ଟ ଉକ୍ତ ବ୍ୟକ୍ତିକୁ ଦୃଶ୍ୟମାନ ହୋଇଥାଏ ଏବଂ ସେ ଅଣଆୟତ ହୋଇ ସେହି ଦିଗକୁ ଦୌଡ଼ିଥାଏ । ଏପରି ସ୍ଥଳେ ମନ୍ଦଚିନ୍ତା କରିବାକୁ ମଧ୍ୟ ତାହାର ହୃଦୟ ପ୍ରକମ୍ପିତ ହୋଇ ଉଠିଥାଏ । ସେତେବେଳେ ସତେଜ ପ୍ରକାଶ ତାହାକୁ ପ୍ରାପ୍ତ ହୋଇଥାଏ । ମଣିଷ କେବଳ ଏତିକିରେ ଗର୍ବ କରିବା ଉଚିତ୍ ନୁହେଁ ଏବଂ ଏହାକୁ ହିଁ ନିଜ ଉନ୍ନତିର ଅନ୍ତ ମନେକରିବା ଉଚିତ୍ ନୁହେଁ କି ସମୟ ସମୟରେ ତାହା ହୃଦୟରେ ରିକତ୍ (ଭାବବିହ୍ୱଳ) ଅବସ୍ଥା ଉତ୍ପନ୍ନ ହେଉଅଛି । କଦାଚିତ୍ ନମାଜରେ ଲୁହ ଝରାଇ ଦେବା କିମ୍ବା ହୃଦୟ ନମ୍ର ହୋଇଯିବା କୌଣସି ବଡ଼ କଥା ନୁହେଁ । ଏହାକୁ ନିଜ ଉନ୍ନତିର ଶିର୍ଷ ମନେକରିବା ଉଚିତ୍ ନୁହେଁ କାରଣ ଏହି ରିକତ୍ କ୍ଷଣସ୍ଥାୟୀ ଅଟେ ।

ଆଧ୍ୟାତ୍ମିକତାର ଉନ୍ନତି ସେତେବେଳେ ହୋଇଥାଏ ଯେତେବେଳେ ଅପକର୍ମରୁ ମଣିଷ ସମ୍ପୂର୍ଣ୍ଣ ରୂପେ ନିବୃତ ରହି ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ନିମନ୍ତେ ସତ୍‌କର୍ମ କରିବାକୁ ପୂର୍ଣ୍ଣ ରୂପେ ମନଯୋଗ କରିବା । ପୁଣି ଉତମ କର୍ମ କରିବାର ସ୍ପଷ୍ଟିକରଣ କରି ହଜୁର ଆ.ସ କୁହନ୍ତି- ପ୍ରଥମେ ଦୁଇଟି ସୋପାନ ଥିଲା ମନ୍ଦ ଅଭ୍ୟାସକୁ ପରିହାର କରିବା ଓ ଉତମ କର୍ମ ସମ୍ପାଦନ କରିବା, ବର୍ତମାନ ଏହାର ଦୁଇଟି ବିଭାଗ ବର୍ଣ୍ଣନା କଲେ । ଗୋଟିଏ ଫରଜ୍ ଓ ଅନ୍ୟଟି ନୱାଫିଲ୍ । **ଫରାଇଜ୍** ଅର୍ଥାତ ଯାହାର ସମ୍ପାଦନ କରିବା ମଣିଷର କର୍ତବ୍ୟ ଯେପରି କରଜ ପରିଶୋଧ କରିବା । **ଫରାଇଜ୍** ବ୍ୟତୀତ ପ୍ରତ୍ୟେକ ଉତମକର୍ମ ସହ **ନୱାଫିଲ୍** ରହିଥାଏ ଅର୍ଥାତ ଏପରି ଉତମ କର୍ମ ଯାହାକି ତାହାର କର୍ତବ୍ୟରୁ ଉର୍ଦ୍ଧ୍ୱରେ ଯେପରି ଦୟା ପ୍ରତିବଦଳରେ ଦୟା ପ୍ରଦର୍ଶନ କରି ଅଧିକ ଦୟା କରିବା ନୱାଫିଲ୍ ଅଟେ । କେହି ଜଣେ ଦୟା ଆଚରଣ କଲେ ତାହା ପ୍ରତିବଦଳରେ ତା'ଠାରୁ ଅଧିକ ଦୟା ଆଚରଣ କଲେ, ତାହାକୁ **ନୱାଫିଲ୍** କୁହାଯିବ । ପ୍ରକୃତରେ ଏହା କର୍ତବ୍ୟର ପୂର୍ଣ୍ଣତା ଅଟେ । ଏତତ୍ ଦ୍ୱାରା କର୍ତବ୍ୟ ସମ୍ପୂର୍ଣ୍ଣ ହୋଇଥାଏ । ଆପଣ କୁହନ୍ତି ଏହି ହଦିସ୍‌ରେ ଅଲ୍ଲାଃଙ୍କ ଅୱଲିୟା (ପ୍ରିୟଜନ)ମାନଙ୍କ ମତରେ ଫରଜ୍‌ର ପୂର୍ଣ୍ଣତା ନୱାଫିଲ୍ ଦ୍ୱାରା ହୋଇଥାଏ । ଉଦାହରଣ ସ୍ୱରୂପ ଯେ ଜକାତ୍ ଦେବାପରେ ଆହୁରି ସଦ୍‌କା ଦେଇଥାନ୍ତି ଅଲ୍ଲାଃତାଲା ସେମାନଙ୍କର ୱଲି (ସାଥି) ହୋଇଯାଏ ।

ହଜୁର ଆ.ସ କୁହନ୍ତି ମୋତେ ଜଣେ ସାହାବିଙ୍କ କଥା ମନେପଡ଼ିଲା ଯେ କହିଥିଲେ ହେ ଅଲ୍ଲାଃଙ୍କ ରସୁଲ ! ମୁଁ ବିଶ୍ୱାସ ଆଣିବା ପୂର୍ବରୁ ଅନେକ ସଦ୍‌କା କରିଥିଲି କ'ଣ ମୋତେ ତାହାର ସୁଫଳ ମିଳିବ । ହଜୁର ସ.ଆ ଉତର ଦେଲେ ସେହି ସଦ୍‌କା ତ ତୋର ବିଶ୍ୱାସ ଆଣିବାର ଦ୍ୱାର ଉନ୍ମୁକ୍ତ କରିଦେଲା । ସେହି ସଦ୍‌କାର ପରିଣାମ ସ୍ୱରୂପ ତୁମେ ଆଜି ମୁସଲମାନ ହୋଇଛ । ପୁଣି ବୈଦ୍ଧ କାର୍ଯ୍ୟଗୁଡ଼ିକୁ ମଧ୍ୟ ସୀମା ମଧ୍ୟରେ ରଖିବା ଉଚିତ୍ ଏବଂ ଏହା ପୁଣ୍ୟ ଅଟେ । ଏଥିସଂକ୍ରାନ୍ତରେ ଆପଣ କୁହନ୍ତି ପୁଣ୍ୟର ମୂଳ ଏହି କି ଯେ, ସଂସାରର ମାଧୁର୍ଯ୍ୟ ଓ କାମନା ଯାହାକି ବୈଦ୍ଧ ଅଟେ, ସେଥିରେ ମଧ୍ୟ ସୀମା ଲଙ୍ଘିବା ଉଚିତ୍ ନୁହେଁ ଯେପରି ଖାଇବା ପିଇବାକୁ ଅଲ୍ଲାଃତାଲା ହରାମ୍ (ଅବୈଦ୍ଧ) କରିନାହାନ୍ତି କିନ୍ତୁ ଯଦି କେହି ଏହି ଖାଇବା ପିଇବାକୁ ଦିବାରାତ୍ର ଅଭ୍ୟାସ କରିନିଏ । ଅଲ୍ଲାଃ ଖାଇବା ପିଇବାରେ ସ୍ୱାଦ ରଖିଛନ୍ତି ଏଥିପାଇଁ କି ସେଥିରୁ ମଣିଷକୁ ଶକ୍ତି ମିଳିଥାଏ । ଯଦ୍ଦ୍ୱାରା ମଣିଷ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରିଥାଏ । ଏକଦା ହଜରତ ମସିହ ମଉଦ ଆ.ସଙ୍କ ଉପରେ ଆପତି କରାଗଲା କି ହଜୁର ପଲୋଉ ଖାଇଥାନ୍ତି । ପ୍ରଥମ ଖଲିଫା ଏହାର ଉତର ଦେଇ କହିଲେ ମୁଁ ତ ହଦିସରେ କିମ୍ବା କୋରାନର କୌଣସି ସ୍ଥାନରେ ପଢ଼ି ନାହିଁ କି ସୁସ୍ୱାଦ ଖାଦ୍ୟ ଖାଇବା ନବୀମାନଙ୍କ ପାଇଁ ବୈଦ୍ଧ ନୁହେଁ । ସେ ଖାଇନେଲେ କ'ଣ ହେଲା, ଏହି ସୁନ୍ନତର ଆମ୍ଭକୁ ଅନୁସରଣ କରିବା ଉଚିତ୍ ଯାହାକି ହଜରତ ମହମ୍ମଦ ସ.ଆ ଆମ୍ଭ ନିକଟରେ ଉପସ୍ଥାପନ କଲେ । ଆପଣ ଜଣେ ସାହାବାଙ୍କୁ କହିଲେ ମୁଁ ସୁସ୍ୱାଦ ଖାଦ୍ୟ ଖାଉଛି, ସୁନ୍ଦର ବସ୍ତ୍ର ପରିଧାନ କରୁଛି, ମୁଁ ବିବାହ ମଧ୍ୟ କରିଛି ମୋର ସନ୍ତାନ ମଧ୍ୟ ଅଛନ୍ତି ମୁଁ ସୟନ କରୁଛି ଏବଂ ଉପାସନା ମଧ୍ୟ କରୁଛି । ଏହା ମୋର ସୁନ୍ନତ, ସୁତରାଂ ତୁମମାନଙ୍କୁ

ଏହାର ଅନୁସରଣ କରିବା ଉଚିତ୍ ।

ହଜୁର ଆ.ସ କୁହନ୍ତି ଆମର ଶିକ୍ଷା ଏହି କି ଯେ, ସମସ୍ତଙ୍କ ସହ ଉତମ ଆଚରଣ କର ଏବଂ ପ୍ରଶାସନର ଆଜ୍ଞାବହ ହେବା ଉଚିତ୍ କାରଣ ସେ ଆମର ସୁରକ୍ଷା କରିଥାନ୍ତି । ଆମ ଧନଜୀବନ ସେମାନଙ୍କ ଯୋଗୁଁ ସୁରକ୍ଷିତ ରହିଥାଏ । ନିଜ ବନ୍ଧୁବାନ୍ଧବଙ୍କ ସହ ଉତମ ବ୍ୟବହାର ପ୍ରଦର୍ଶନ କର କାରଣ ସେମାନଙ୍କର ମଧ୍ଯ ତୁମ ଉପରେ ଅଧିକାର ରହିଛି । ହଁ ଯେ ଈଶ୍ୱର ଭୟ ରଖିନଥାନ୍ତି ଏବଂ ବିଦଅତ୍ ଓ ଶିରକ୍‌ରେ କବଳିତ ହୋଇ ଆମର ବିରୋଧ କରିଥାନ୍ତି । ସେମାନଙ୍କ ପଛରେ ନମାଜ ପାଠ କରିବା ଉଚିତ୍ ନୁହେଁ । କିନ୍ତୁ ସେମାନଙ୍କ ସହ ଉତମ ଆଚରଣ କରିବା ଆବଶ୍ୟକ । ସମସ୍ତଙ୍କର ମଙ୍ଗଳ କାମନା କରିବା ଉଚିତ୍ । ହଁ ସେମାନଙ୍କ ଧାର୍ମିକ କର୍ମ ସମ୍ପାଦନରୁ ନିଜକୁ ନିବୃତ ରଖିବା ଉଚିତ୍ । ନିଜ ଉତମ କର୍ମର ସୀମାକୁ କିଭଳି ବିସ୍ତାର କରିବା ସେଥିସମ୍ବନ୍ଧରେ ହଜୁର ଆ.ସ କୁହନ୍ତି- ସହାନୁଭୂତିର ସୀମା ମୋ ମତରେ ବହୁତ ବିସ୍ତିର୍ଣ୍ଣ ଏହା କୌଣସି ଗୋଷ୍ଠୀ କିମ୍ବା ବ୍ୟକ୍ତିକୁ ଅଲଗା ଦୃଷ୍ଟିରେ ଦେଖିନଥାଏ । ମୁଁ ଆଜିକାଲିର ମୁର୍ଖମାନଙ୍କ ପରି ଏପରି କହିବି ନାହିଁ କି ତୁମେ ସହାନୁଭୂତିକୁ କେବଳ ମୁସଲମାନମାନଙ୍କ ମଧ୍ୟରେ ସୀମିତ ରଖ । ମୁଁ କହୁଛି ଅଲ୍ଲାଃଙ୍କ ସମସ୍ତ ସୃଷ୍ଟି ସହ ସହନୁଭୂତି ପ୍ରଦର୍ଶନ କର ସେ ହିନ୍ଦୁ ହୁଅନ୍ତୁ ଅବା ମୁସଲମାନ କିମ୍ବା ଅନ୍ୟ କେହି । ମୁଁ କଦାପି ଏଭଳି ଲୋକମାନଙ୍କ କଥା ପସନ୍ଦ କରିନଥାଏ ଯେ ସହାନୁଭୂତି ପ୍ରଦର୍ଶନ କରିବାକୁ କେବଳ ନିଜ ଗୋଷ୍ଠୀର ଦର୍ଶାଇଥାନ୍ତି । ମୁଁ ତୁମକୁ ବାରମ୍ବାର ଉପଦେଶ ପୂର୍ବକ କହୁଅଛି ତୁମେ କଦାପି ସହାନୁଭୂତିକୁ ସୀମିତ ରଖ ନାହିଁ ଏବଂ ସହାନୁଭୂତି ପ୍ରଦର୍ଶନ ନିମନ୍ତେ ଏହି ଶିକ୍ଷାର ଅନୁସରଣ କର ଯାହାକି ଅଲ୍ଲାଃ ଦର୍ଶାଇଛନ୍ତି କି **ଇନ୍ନଲ୍ଲାହା ୟାମୁରୁ ବିଲ୍‌ଅଦଲି ୱଲ୍ ଇହ୍‌ସାନି ୱଇତାଇ ଜିଲ୍‌କୁରବା** ଅର୍ଥାତ ସତ୍‌କର୍ମ କରିବା ପାଇଁ ପ୍ରଥମେ ତୁମେ ନ୍ୟାୟବାନ ହୁଅ, ଯେ ତୁମ ସହ ଉତମ ଆଚରଣ କରୁଅଛି ତୁମେ ମଧ୍ଯ ତାହା ସହ ସମାନ ଆଚରଣ କର ଦ୍ୱିତୀୟରେ ତୁମେ ତା'ଠାରୁ ବଳି ସୁନ୍ଦର ଆଚରଣ କର ଏହା **ଏହେସାନ୍** ଅଟେ । ଯଦିଓ ଏହେସାନର ସ୍ତର ନ୍ୟାୟର ସ୍ତରଠାରୁ ଉର୍ଦ୍ଧ୍ୱରେ ଏବଂ ଏହା ଅଧିକ ପୁଣ୍ୟ ଅର୍ଜନ କରିବା ଅଟେ । କିନ୍ତୁ କଦାଚିତ୍ ଏପରି ହୋଇଥାଏ କି ଏହେସାନ୍‌କାରୀ ନିଜ ଏହେସାନ୍‌ର ପ୍ରକାଶ କରିଦେଇଥାଏ କିନ୍ତୁ ଏସମସ୍ତ ସ୍ତର ଉପରେ ଏକ ସ୍ତର ରହିଛି କି ମଣିଷ ଏଭଳି ସତ୍‌କର୍ମ କରିବା ଉଚିତ୍ କି ଯେମିତି ତା'ର ବ୍ୟକ୍ତିଗତ ଅଟେ ଏବଂ ଏହାର ଚର୍ଚ୍ଚା କରିବାର କିଂଚିତ ମାତ୍ର ଭାବନା ମଧ୍ଯ ମନରେ ନଥାଏ ଯେମିତି ମା ନିଜ ଛୁଆର ଲାଳନପାଳନ କରିଥାଏ । ସୁତରାଂ ଏଭଳି ମାର୍ଗରେ ଉତମକର୍ମ କର କି ତାହାକୁ ଚରମ ସୀମା ପର୍ଯ୍ୟନ୍ତ ପହଂଚାଇ ଦିଅ କାରଣ ଯେତେବେଳେ କେହି ଉନ୍ନତି କରିକରି ଶେଷ ସୀମାରେ ପର୍ଯ୍ୟନ୍ତ ପହଂଚିଯାଏ ସେତେବେଳେ ସେ ସମ୍ପୂର୍ଣ୍ଣ ହୋଇଯାଇଥାଏ ।

ସୁତରାଂ ଏଭଳି ଉତମକର୍ମ କର କି ହୃଦୟରେ ସର୍ବଦା ଉତମକର୍ମ ଉଙ୍କିମାରୁଥିବ । ଆପଣ କୁହନ୍ତି ଆଭ୍ୟନ୍ତରିଣ ଉଗ୍ରତାରେ ମାନବ ଜାତି ସହ ସହାନୁଭୂତି ପ୍ରଦର୍ଶନ କରିବା **ଇତାଇଜିଲ୍ କୁରବା** ଅଟେ । ଏପରି ସ୍ତର ଧାର୍ଯ୍ୟ କରିବାରେ ଅଲ୍ଲାଃଙ୍କ ଉଦ୍ଦେଶ୍ୟ ଯଦି ତୁମେ ପୂର୍ଣ୍ଣ ନ୍ୟାୟବନ୍ତ ହେବାକୁ ଇଚ୍ଛା କର ତେବେ ନିଜ ଉତମ କର୍ମକୁ **ଇତାଇଜିଲ୍ କୁରବା**ରେ ପହଂଚାଇଦିଅ ଅର୍ଥାତ ଯେତେବେଳେ କୌଣସି ଜିନିଷ ତାହାର ଚରମ ସୀମା ପର୍ଯ୍ୟନ୍ତ ପହଂଚି ନାହିଁ ସେପର୍ଯ୍ୟନ୍ତ ସେ ପୂର୍ଣ୍ଣତାର ସ୍ତର ହାସଲ କରିନଥାଏ ।

ହଜୁର ଆ.ସ କୁହନ୍ତି ମନେରଖ ଅଲ୍ଲାଃତାଲା ଉତମ କର୍ମକୁ ବେଶ୍ ପସନ୍ଦ କରିଥାନ୍ତି ଏବଂ ସେ ଇଚ୍ଛା କରିଥାନ୍ତି କି ତାଙ୍କ ସୃଷ୍ଟି ସହ ସହାନୁଭୂତି ପ୍ରଦର୍ଶନ କର ଯଦି ସେ ଅପକର୍ମକୁ ପସନ୍ଦ କରୁଥାନ୍ତେ ତେବେ ତାହାର ସମ୍ପାଦନ ନିମନ୍ତେ ନିର୍ଦ୍ଦେଶ ଦେଇଥାନ୍ତେ କିନ୍ତୁ ଅଲ୍ଲାଃତାଲା ସେଥିରୁ ପବିତ୍ର **ସୁବହାନ୍‌ୱ ତାଲା ଶାନହୁ** । ଅଲ୍ଲାଃତାଲା ଆମ୍ଭକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ଉତମକର୍ମ ସମ୍ପାଦନ କରୁ ଏବଂ ଅଲ୍ଲାଃତାଲା ଆମମାନଙ୍କ ପାଇଁ **ଫସ୍‌ତବିକୁଲ୍ ଖୈରାତ୍** ଯେଉଁ ଲକ୍ଷ ନିର୍ଦ୍ଧାରଣ କରିଛନ୍ତି ତାହା ଆମେ ହାସଲ କରୁ ।

ଖୁତବାର ଶେଷରେ ହଜୁର ଅନୱର ଅ.ବ କହିଲେ- ମୁରବୀ ଶ୍ରୀମାନ ହାମିଦ୍ ମକସୁଦ୍ ସାହେବ ପିତା ଶ୍ରୀମାନ ଅଧ୍ୟାପକ ମସଉଦ୍ ଅହେମଦ୍ ଆତିଫ୍ ସାହେବ ଶ୍ରୀମାନ ଅଲ୍ଲୀ ସଇଦ ମୁସା ସାହେବ ଯେ Tanganiaର ପୁର୍ବତନ ଅମିର୍ ଜମାଅତ ମଧ୍ଯ ଥିଲେ ଏବଂ ଶ୍ରୀମାନ ନୁସରତ୍ ବେଗମ୍ ସାହେବା ଗରମୁଲାଓ୍ୱରକାଁ ରବୱା ଉଭୟଙ୍କ ଦେହାନ୍ତର ଘୋଷଣା କରି ସେମାନଙ୍କ ଉତମ ଚରିତ୍ର ଚର୍ଚ୍ଚା କଲେ ଏବଂ ନମାଜ ଜୁମା ଅନ୍ତେ ସେମାନଙ୍କ ଜନାଯାଃ ଗାଏବ ପାଠ କଲେ ।

Khulasa Khutba Juma Huzoor Anwar a.b.a

27th October 2017